# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04 February – 2025**

## News Editor – Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଗତ ୧୦ ବର୍ଷ ମଧ୍ୟରେ ୨୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି; ଲୋକସଭାରେ କହିଲେ ପ୍ରଧାନମନ୍ତ୍ରୀ

- ନୂତନ ଜାତୀୟ ଶିକ୍ଷାନୀତିରେ ଶିକ୍ଷା ସହ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି; କହିଲେ ମୁଖ୍ୟମନ୍ତ୍ରୀ

— ପୁରୀ ସୁରଜମଲ ଶାହା ମହାବିଦ୍ୟାଳୟର ନୂତନ କୋଠାକୁ କଲେ ଉଦ୍‌ଘାଟନ

- ଖୋର୍ଦ୍ଧା ଜିଲ୍ଲାରୁ ଆସନ୍ତାକାଲି 'ବିକଶିତ ଗାଁ'-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଆସନ୍ତା ୧୮ ତାରିଖରୁ ଯୁକ୍ତଦୁଇ ପରୀକ୍ଷା; କପି ରୋକିବା ପାଇଁ ଗଠନ ହେବ ପଂଚସ୍ତରୀୟ ସ୍କ୍ୱାର୍ଡ

ଏବଂ

- ଅଗ୍ନିଶମ କର୍ମଚାରୀଙ୍କ ଭତ୍ତା ବୃଦ୍ଧି କଲେ ରାଜ୍ୟ ସରକାର

## ଲୋକସଭା-ପ୍ରଧାନମନ୍ତ୍ରୀ

ଗତ ୧୦ ବର୍ଷ ମଧ୍ୟରେ ୨୫ କୋଟି ଭାରତୀୟ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଲୋକସଭାରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବର୍ତ୍ତମାନ କେନ୍ଦ୍ର ସରକାର ସାମଗ୍ରୀକ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଏପର୍ଯ୍ୟନ୍ତ ୪ କୋଟି ଗରିବଙ୍କୁ ପକ୍କା ଘର ଦିଆଯାଇଛି। ସେହିଭଳି ୧୨ କୋଟି ଶୌଚାଳୟ ତିଆରି କରାଯାଇଛି। ସରକାରଙ୍କର ପ୍ରତ୍ୟେକ ପଦକ୍ଷେପ ବିକଶିତ ଭାରତ ଗଠନର ଲକ୍ଷ୍ୟକୁ ସାକାର କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, ବର୍ତ୍ତମାନ ଦେଶରେ ଦୁଇଟି ଏଆଇ କାର୍ଯ୍ୟ କରୁଛି। ଗୋଟି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଅନ୍ୟଟି ଆସ୍ପିରେସ୍ନାଲ୍ ଇଣ୍ଡିଆ। ସରକାର ଏକବିଂଶ ଶତାବ୍ଦୀରେ ଯୁବପିଢ଼ିଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# - V/O –

## ଶ୍ରେଣୀଗୃହ ଉଦ୍‌ଘାଟନ-ମୁଖ୍ୟମନ୍ତ୍ରୀ

ନୂତନ ଜାତୀୟ ଶିକ୍ଷାନୀତିରେ ଶିକ୍ଷା ପ୍ରଦାନ ସହ ନିଯୁକ୍ତି ଏବଂ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। **ପୁରୀ**ସ୍ଥିତ ସୁରଜମଲ ଶାହା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ପଞ୍ଚାୟତରେ

ପଣ୍ଡିତ ଗୋଦାବରୀଶ ଆଦର୍ଶ ସ୍କୁଲ ସ୍ଥାପନ ହେବ। ସରକାରୀ ବିଦ୍ୟାଳଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଆଜିର ଶିକ୍ଷା ପଦ୍ଧତି, ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏବେ ନିଯୁକ୍ତି ଓ ରୋଜଗାରର ବହୁତ ସୁଯୋଗ ରହିଛି। ଏହାର ସଦୁପଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ୧ କୋଟିର ସହାୟତାରାଶି ଘୋଷଣା କରିବା ସହ ନୂତନ କୋଠାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଯୋଗ ଦେଇଥିଲେ।

## ବିକଶିତ ଗାଁ, ବିକଶିତ ଓଡ଼ିଶା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆଠାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରତିନିଧି ଆଭାସୀ ମାଧ୍ୟମରେ ସାମିଲ ହେବେ । ଏହି ଯୋଜନା ଅଧୀନରେ ଗ୍ରାମସଭା ନିଷ୍ପତ୍ତି ଆଧାରରେ ଗାଁଗୁଡ଼ିକରେ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ଜଣାପଡିଛି।

## ଷୋଡ଼ଶ ଅର୍ଥ କମିଶନ

ଷୋଡ଼ଶ ଅର୍ଥ କମିଶନ ଆଜିଠାରୁ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଅରବିନ୍ଦ ପନଗଡ଼ିଆଙ୍କ ଅଧ୍ୟକ୍ଷତାରେ ୧୫ ଜଣିଆ ସଦସ୍ୟ ବିଶିଷ୍ଟ କମିଶନ ଆସନ୍ତା ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ପ୍ରମୁଖ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ

କମିଶନ ରାଜ୍ୟର ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସାକ୍ଷାତ କରିବେ। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାର ବିକାଶମୂଳକ କାର୍ଯ୍ୟ ଲାଗି ଆସନ୍ତା ୫ ବର୍ଷ ପାଇଁ ୧୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ଦାବି କମିଶନଙ୍କ ନିକଟରେ ଉପସ୍ଥାପନା କରିବା ନେଇ ନିଷ୍ପତ୍ତି ନେଇଥିଲେ।

## ଯୁକ୍ତଦୁଇ ପରୀକ୍ଷା

ରାଜ୍ୟରେ ଆସନ୍ତା ୧୮ ତାରିଖରୁ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ଶ୍ରୀ ପରିଡା କହିଛନ୍ତି, ଚଳିତବର୍ଷ ୧ ହଜାର ୨୭୬ଟି କେନ୍ଦ୍ରରେ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ। ସକାଳ ୧୦ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି।  ପରୀକ୍ଷା ଶେଷ ହେବାର ୪୫ ଦିନ ମଧ୍ୟରେ ଫଳ ପ୍ରକାଶ ପାଇବ। ପରୀକ୍ଷା ସମୟରେ କପି ରୋକିବା ପାଇଁ ଫଂଚସ୍ତରୀୟ ସ୍କ୍ୱାଡ୍ ଗ୍ରହଣ କରାଯାଇଛି। ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ସମୟରେ ଅଧିକ ୨୦ ମିନିଟ୍ ସମୟ ଦିଆଯିବ ବୋଲି ଶୀ ପରିଡା କହିଛନ୍ତି।

## ଅଗ୍ନିଶମ-ଭତ୍ତା ବୃଦ୍ଧି

ଅଗ୍ନିଶମ କର୍ମଚାରୀଙ୍କ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। କର୍ମଚାରୀଙ୍କ ଡାଏଟ୍ ଭତ୍ତା ୯୦୦ ଟଙ୍କାରୁ ୧୪ ଶହ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ମୋଟର ସାଇକେଲ ଭତ୍ତା ୩୦୦ ରୁ ୧ ହଜାର ୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଯାତାୟାତ ଭତ୍ତା ୧୫୦ ରୁ ୩୦୦ ଟଙ୍କା, ରିସ୍କ ଭତ୍ତା ୪୦୦ ରୁ ହଜାରେ ଟଙ୍କାକୁ ବୃଦ୍ଧି

ପାଇଛି । ଏଥିରେ ସେମାନଙ୍କ ପାଇଁ ଘରଭଡା ଭତ୍ତାର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ରାଜ୍ୟର ୬ ହଜାର ୫୮ ଜଣ ଅଗ୍ନିଶମ କର୍ମଚାରୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

## ସାମ୍ବାଦିକ ସମ୍ମିଳନୀ

**ସୁବର୍ଣ୍ଣପୁର**ରେ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କୃମିନାଶକ ଦିବସ ପାଳନକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଗୁରୁ ସୂଚନା ଦେଇଛନ୍ତି, ଆସନ୍ତା ୧୦ ତାରିଖ ଦିନ ଯେଉଁମାନେ କୃମିନାଶକ ଔଷଧ ସେବନରୁ ବଞ୍ଚିତ ରହିବେ ସେମାନଙ୍କୁ ଆସନ୍ତା ୧୭ ତାରିଖ ଦିନ ପୁନର୍ବାର ପ୍ରଦାନ କରାଯିବ । ଜିଲ୍ଲାର ପ୍ରାୟ ୧ ଲକ୍ଷ ୭୭ ହଜାର ଶିଶୁଙ୍କୁ ଏହି ଅଭିଯାନରେ ସାମିଲ କରାଯିବ ବୋଲି ଡକ୍ଟର ଗୁରୁ କହିଛନ୍ତି ।

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ପରେ ସନ୍ଧ୍ୟା ୫ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ବୁଝାମଣାପତ୍ର ସ୍ୱାକ୍ଷରିତ

ନବସୃଜନ ଓ ଉଦ୍ୟୋଗ କ୍ଷେତ୍ରରେ ଅଧିକ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠା, ଭୁବନେଶ୍ୱର ଏବଂ ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଏଥିରେ ଦୁଇ ସଂସ୍ଥାନ ସହଭାଗିତାରେ ଗଣମାଧ୍ୟମ, ପ୍ରଯୁକ୍ତିବିଦ୍ୟା ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରାଯିବ।

## ସମିତି ବୈଠକ

ସମ୍ବଲପୁର ଜିଲ୍ଲା ରେଂଗାଲି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସୁଦର୍ଶନ ହରିପାଲ୍ ବୈଠକରେ ଯୋଗଦେଇ  ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରିଥିଲେ।

## କ୍ରୀଡା ପ୍ରତିଯୋଗିତା

**ସମ୍ବଲପୁର** ରେଳମଣ୍ଡଳ ପକ୍ଷରୁ ରେଲ୍‌ୱେ ଷ୍ଟାଡିୟମ୍‌ଠାରେ ଆନ୍ତଃବିଭାଗୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଡିଆରଏମ୍ ତୁଷାରକାନ୍ତ ପାଣ୍ଡେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

# ବିଶ୍ୱ କର୍କଟ ଦିବସ

କର୍କଟ ରୋଗର କାରଣ ଏବଂ ନିରାକରଣ ଦିଗରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ କର୍କଟ ଦିବସ ପାଳନ କରାଯାଉଛି । ଚଳିତବର୍ଷ 'ଅନନ୍ୟତାରେ ଏକତା'ର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି । ୨ ହଜାର ମସିହା ଫେବୃୟାରୀ ୪ ତାରିଖରେ ପ୍ୟାରିସ୍‌ଠାରେ ପ୍ରଥମଥର ପାଇଁ ବିଶ୍ୱ କର୍କଟ ଦିବସ ପାଳନ କରାଯାଇଥିଲା । ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା

ଦ୍ୱାରା ଏହି ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ସମ୍ଭବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସଚେତନତା ଓ ଦୃଢ଼ ନିଷ୍ପତ୍ତି ଦ୍ୱାରା କର୍କଟ ରୋଗ ସହ ଲଢ଼ିବା ପାଇଁ ବିଶ୍ୱ କର୍କଟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯାଇଛି ।

## କର୍କଟ ଦିବସ-ଜିଲ୍ଲା

**ବିଲାଙ୍ଗିର** ଜିଲ୍ଲା ମାଧିଆପାଲୀସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଛି। ଏଥିରେ କର୍କଟ ରୋଗ ବିଷୟରେ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ଆଲୋକପାତ କରିଥିଲେ।

## ଶ୍ରମିକ କଲ୍ୟାଣ ସମାରୋହ

ନବରଙ୍ଗପୁର ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୯ ଜଣଙ୍କୁ ୧୬ ଲକ୍ଷ ୬୨ ହଜାର ଟଙ୍କାର ସହାୟତା ରାଶି ସହ ୧ ହଜାର ୯୯୮ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା।

## ବସନ୍ତ ମହୋତ୍ସବ ଉଦ୍‌ଯାପିତ

ରାୟଗଡ଼ାରେ ଅନୁଷ୍ଠିତ ଛଅ ଦିନିଆ ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ କ୍ରୀଡ଼ା ଓ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମଧୁସୂଦନ ଦାସଙ୍କ ପୁଣ୍ୟତିଥି

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଆଜି ପୁଣ୍ୟତିଥିରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୩୪ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ । ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଲାଭ କରିଥିବା ମଧୁସୂଦନ ଦାସ ରାଜ୍ୟବାସୀଙ୍କ ମଧ୍ୟରେ ମଧୁ ବାରିଷ୍ଟର ନାମରେ ପରିଚିତ ଥିଲେ । ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ଆଜି ମାଲ୍ୟାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ମଧୁସୂଦନ ଦାସଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥିରେ ତାଙ୍କର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ପାଣିପାଗ

ରାଜ୍ୟର ବିଭିନ୍ନ ଅଂଚଳରେ ଦିନର ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ତେବେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଅପରପକ୍ଷରେ, ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ବିଭିନ୍ନ

ଅଞ୍ଚଳରେ ଘନ କୁହୁଡିର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

*********************************